କଟକରେ ଲର୍ଡ ଓ୍ୟାଭେଲ

ବଡ଼ଲାଟ ହେବା ପରେ ଓଡ଼ିଶାକୁ ପ୍ରଥମ ଆଗମନ

ବଡ଼ଲାଟ ଦମ୍ପତି ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କଲେ

କଟକ, ତା ୧୧।୧୨—ଭାରତର ବଡ଼ଲାଟ ଲର୍ଡ ଓ୍ୟାଭେଲ ତାଙ୍କ ସହଧର୍ମିଣୀଙ୍କ ସହିତ କଟକକୁ ଉଡ଼ାଜାହାଜ ଯୋଗେ ଆଜି ଆସିଥିଲେ । ଉପରବେଳା ସେମାନେ ବିଦ୍ୟାଧରପୁର କୃଷି ଫାର୍ମ, ସୈନ୍ୟ ଛାଉଣି ଓ ବର୍ତ୍ତମାନ କୋର୍ଟରେ ସୈନ୍ୟମାନଙ୍କ ପାଇଁ ଖୋଲା ଯାଇଥିବା କ୍ଷୀରାଗାର ପରିଦର୍ଶନ କରିଥିଲେ । ବଡ଼ଲାଟ ଓ ଲେଡ଼ି ଓ୍ୟାଭେଲଙ୍କ ସହିତ ଓଡ଼ିଶାର ଲାଟ ଓ ଲେଡ଼ି ଲୁଇସ ଯାଇଥିଲେ । ଫାର୍ମରେ ବଡ଼ଲାଟ ଦମ୍ପତି ଓଡ଼ିଶାରେ ଜନ୍ମୁଥିବା ଭଲ ଭଲ ଧାନ ସମ୍ପର୍କରେ ବଡ଼ ଆଗ୍ରହ ଦେଖାଇଥିଲେ, ଏବଂ କୃଷିବିଭାଗର ଡେପୁଟି ଡିରେକ୍ଟର ଡାକ୍ତର ବାଦାମୀଙ୍କଠାରୁ ଫାର୍ମରେ ହେଉଥିବା ଗବେଷଣା ଫଳରେ ଯେଉଁସବୁ ଉନ୍ନତି ହୋଇଛି ସେ ସମ୍ପର୍କରେ ସବୁକଥା ଶୁଣିଥିଲେ । ସୈନ୍ୟ ଛାଉଣିରେ ମାନ୍ୟବର ବଡ଼ଲାଟ ଅଫିସରମାନଙ୍କ ସହିତ ଖୋଲା ଭାବରେ କଥାବାର୍ତ୍ତା ହୋଇଥିଲେ ଏବଂ ସୈନ୍ୟମାନଙ୍କର ଦୈନିକ ବ୍ୟାୟାମ ଦେଖିଥିଲେ । ବର୍ତ୍ତମାନ କୋର୍ଟରେ ଲର୍ଡ ଏବଂ ଲେଡ଼ି ଓ୍ୟାଭେଲ ଉପସ୍ଥିତ ସୈନ୍ୟ ଓ ସେମାନଙ୍କ ପାଇଁ ଯେଉଁସବୁ ସୁବିଧା ବିଚାରାଯାଇଛି ତାହା ଦେଖିଥିଲେ । ବଡ଼ଲାଟଙ୍କର ଏ ଆଗମନ ଘଟେଇ ଆଗମନ ହୋଇଥିଲେ ମଧ୍ୟ ନୂଆ ବଡ଼ଲାଟଙ୍କର ଓଡ଼ିଶାକୁ ପ୍ରଥମ ଆଗମନ ହେତୁ ଅଭ୍ୟର୍ଥନା କରିବା ପାଇଁ ଅନେକ ଜାଗାରେ ଫାଟକମାନ ହୋଇଥିଲା ଓ ଅନେକ ଲୋକ ରାସ୍ତା କଡ଼ରେ ଧାଡ଼ିହୋଇ ଛିଡ଼ା ହୋଇଥିଲେ । ସାଧାରଣଙ୍କର ଧାରଣା ଯେ ଲର୍ଡ ଓ୍ୟାଭେଲ ଓଡ଼ିଶାର ଦୁର୍ଦ୍ଦଶା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ସଂଗ୍ରହ କରିଯିବେ ।

ରବିବାର ଦିନର କାର୍ଯ୍ୟକ୍ରମ

କଟକ, ତା ୧।୧୨—ମାନ୍ୟବର ବଡ଼ଲାଟ ଆଜି ସକାଳେ କଟକ ଲଞ୍ଜିନିୟରିଂ ସ୍କୁଲ ଓ ବଡ଼ ଡାକ୍ତରଖାନା ପରିଦର୍ଶନ କରିଥିଲେ । ବଡ଼ଲାଟ ଲଞ୍ଜିନିୟରିଂ ସ୍କୁଲକୁ ଗଲାବେଳେକୁ ଦଳେ ଯୁବକ ଜାତୀୟର ତାଙ୍କ ସବାକୁଆ ଡ୍ରିଲ କରୁଥିଲେ ଓ ଅନ୍ୟମାନେ କାରଖାନାରେ କାମ କରୁଥିଲେ । ସ୍କୁଲର ପ୍ରିନ୍‌ସିପାଲ ମିଃ ସୋହନ ଲାଲ ବଡ଼ଲାଟଙ୍କୁ ଗୃହଅଡ଼ ବୁଲାଇ ଦେଖାଇଥିଲେ । ମାନ୍ୟବର ବଡ଼ଲାଟ ବଡ଼ ଡାକ୍ତରଖାନା ଓ ତହିଁସଂଲଗ୍ନ ମିଶନାରୀ ଓ୍ୟାର୍ଡ ବୁଲି ଦେଖିଥିଲେ ଓ ବିଭିନ୍ନ ରୋଗୀଙ୍କ ଅବସ୍ଥା ସଂପର୍କରେ ପ୍ରଶ୍ନ କରି ବୁଝିଥିଲେ । ଏହା ଛଡ଼ା ରକ୍ତ ସଂଗ୍ରହ କରାଯାଉଥିବା ବ୍ଲଡ ବ୍ୟାଙ୍କ କି ଜିନିଷ ଲାବ୍ରେଟାରୀ ଓ ଅନ୍ୟାନ୍ୟ ବିଭାଗ ବୁଲି ଦେଖିଥିଲେ । ଲେଡ଼ି ଓ୍ୟାଭେଲ ମାନ୍ୟବର ବଡ଼ଲାଟଙ୍କ ସହିତ ନ ଥିଲେ । ସେ ରେଭନ୍‌ସା କାର୍ଲ ସ୍କୁଲ, ମାତୃ ଓ ଶିଶୁମଙ୍ଗଳ କେନ୍ଦ୍ର ଓ ଶେଷରେ ଡାକ୍ତରଖାନା ପରିଦର୍ଶନ କରିଥିଲେ । ରେଭନ୍‌ସା ବାଳିକା ବିଦ୍ୟାଳୟରେ ଛାତ୍ରୀମାନେ ବୋମା ପଡ଼ି ନିଆଁ ଲାଗିଲେ କିପରି ନିଆଁ ଲିଭାଇବାକୁ ହେବ ତାହା ଦେଖାଇଥିଲେ । ଏହା ଛଡ଼ା ବିଭିନ୍ନ ନୃତ୍ୟ ଗୀତର ମଧ୍ୟ ବ୍ୟବସ୍ଥା ହୋଇଥିଲା । ଲେଡ଼ି ଓ୍ୟାଭେଲ ଏସବୁ ଦେଖି ଆନନ୍ଦ ପ୍ରକାଶ କରିଥିଲେ ।

ସନ୍ଧ୍ୟାରେ ବଡ଼ଲାଟଙ୍କୁ ସମ୍ବର୍ଦ୍ଧନା କରିବାପାଇଁ ଓଡ଼ିଶାର ଲାଟସାହେବ ଓ ଲେଡ଼ି ଲୁଇସ୍ ଦେଇଥିବା ବଗିଚା ଭୋଜି ପରେ କଟକରେ ବଡ଼ଲାଟ ଦମ୍ପତିଙ୍କ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ବଗିଚା ଭୋଜିରେ ଅନ୍ୟାନ୍ୟଙ୍କ ଭିତରେ ପାରଳାଖେମୁଣ୍ଡିର ମହାରାଜା, ପଣ୍ଡିତ ଗୋଦାବରୀଶ ମିଶ୍ର, ମୌଳବୀ ଅବଦୁସ୍ ଶୋଭାନ ଖାଁ, ଶ୍ରୀଯୁକ୍ତ ମୁକୁନ୍ଦପ୍ରସାଦ ଦାସ, ମିଃ ମାରୁଡ଼, କର୍ଣ୍ଣେଲ ଓମରେ, ରାଜାବାହାଦୁର ଖଲ୍ଲିକୋଟ ଓ ରାଜାବାହାଦୁର କଳିକା ଯୋଗଦେଇଥିଲେ । ବଗିଚା ଭୋଜିରେ ବଡ଼ଲାଟ ଦମ୍ପତି ଅସିଥିବା ଅତିଥିମାନଙ୍କ ସହିତ ପ୍ରଦେଶର ବିଭିନ୍ନ ସମସ୍ୟା ବିଷୟରେ କଥାବାର୍ତ୍ତା କରିଥିଲେ । ବାଲେଶ୍ୱରର ଜିଲ୍ଲା ମାଜିଷ୍ଟ୍ରେଟ ମିଃ ମାକ୍‌ଡୋନାଲ୍‌ଡ଼ଙ୍କଠାରୁ ବାଲେଶ୍ୱରର ସରିସ୍ଥିତି ସମ୍ପର୍କରେ ବଡ଼ଲାଟ ଦମ୍ପତି ପଚାରି ବୁଝିଥିଲେ । ମିଃ ମାକ୍‌ଡୋନାଲ୍‌ଡ଼ ଜଣାଇ ଥିଲେ ଯେ ସେଠା ଅବସ୍ଥାରେ ଅନେକ ଉନ୍ନତି ଘଟିଛି; କିନ୍ତୁ ପ୍ରଧାନ ଅସୁବିଧା ହେଉଛି ଔଷଧ ଅଭାବ, ବିଶେଷରେ କୁଇନାଇନ ଅଭାବ । ସ୍ୱାସ୍ଥ୍ୟବିଭାଗ ଡିରେକ୍ଟର ଔଷଧ ଯୋଗାଇବା ପାଇଁ ତାଙ୍କ ସାରୁପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି ।

କଟକ ସହରର ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ସମ୍ପର୍କରେ ମାନ୍ୟବର ବଡ଼ଲାଟ କଟକ ମ୍ୟୁନିସିପାଲିଟି ଚେୟାରମ୍ୟାନ ଶ୍ରୀଯୁକ୍ତ ମୋତିଲାଲ ପଣ୍ଡିତଙ୍କୁ ପଚାରିଥିଲେ ।

ପଣ୍ଡିତ ମୋତିଲାଲ ଉତ୍ତରରେ ଜଣାଇ ଥିଲେ ଯେ ଓଡ଼ିଶାର ରାଜଧାନୀରେ ପ୍ରଥମତଃ ନାଳ ଓ ପାଣି ଯୋଗାଇବା ବ୍ୟବସ୍ଥା ବିଶେଷ ଆବଶ୍ୟକ ହୋଇପଡ଼ିଛି । ଏ ବିଷୟରେ ସେ ଓଡ଼ିଶା ସରକାରଙ୍କୁ ଜଣାଇଛନ୍ତି ।

ଆଜି ସକାଳେ ମାନ୍ୟବର ବଡ଼ଲାଟ ପ୍ରଧାନମନ୍ତ୍ରୀ ପାରଳା ଖେମୁଣ୍ଡିର ମହାରାଜା, ଅର୍ଥମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ରାଜସ୍ୱ ମନ୍ତ୍ରୀ ମୌଳବୀ ଅବଦୁସ ଶୋଭାନ ଖାଁ, ରେଭିନ୍ୟୁ କମିଶନର ମିଃ ମାରୁଡ଼, ଚିଫ ସେକ୍ରେଟାରୀ ମିଃ ବୋଷ୍ଟେଡ଼ ଓ ଖାଦ୍ୟ-ବିଭାଗ ସେକ୍ରେଟାରୀ ମିଃ ଝଙ୍କୁ ସାକ୍ଷାତ ଦେଇଥିଲେ ।

—— [ଏ,ପି; ୟୁ, ପି]

ମନ୍ତ୍ରିଦଳର ଜରୁରୀ ବୈଠକ

ଖବର ଜଣାପଡ଼ିଛି ଯେ ଗତକାଲି ସନ୍ଧ୍ୟା ପ୍ରାୟ ୭ଟ ବେଳେ ଓଡ଼ିଶା ମିଳିତ ମନ୍ତ୍ରିମଣ୍ଡଳ ଦଳର ଏକ ଜରୁରୀ ବୈଠକ ମାନ୍ୟବର ପ୍ରଧାନମନ୍ତ୍ରୀ ପାରଳା ମହାରାଜାଙ୍କ ତୁଳସୀପୁର ବଙ୍ଗଳାରେ ହୋଇଥିଲା ।

ଖବର ମିଳେ ଯେ ଏ ବୈଠକରେ ଜ୍ୟୋତିଶ ସଭ୍ୟଙ୍କ ମଧ୍ୟରୁ ମାନ୍ୟବର ପ୍ରଧାନ-ମନ୍ତ୍ରୀ ପାରଳା ମହାରାଜା, ମାନ୍ୟବର ମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ମାନ୍ୟବର ମନ୍ତ୍ରୀ ମିଃ ଅବଦୁସ୍ ଶୋଭାନ ଖାଁ, ଶ୍ରୀ ପ୍ୟାରୀଶଙ୍କର ରାୟ, ଶ୍ରୀ ବ୍ରଜସୁନ୍ଦର ଦାସ, ଯଦୁମଣି ମଙ୍ଗରାଜ, ଡାକ୍ତର ଅଚଳବିହାରୀ ଅଗ୍ରୱାଲ, ଶ୍ରୀ ବିଶ୍ୱନାଥ ବେହେରା, ଜିତୁଦାସ, ଦିବାକର ପଟ୍ଟନାୟକ, ବଳଭଦ୍ର ସାମନ୍ତରାୟ, ହରିପାଣି ଜେନା, ଖାଁ ସାହେବ ଫଜଲୁଲ ହକ, ରଙ୍ଗଲାଲ ମୋଦି, ଜାଣି ବିଶ୍ୱନାଥ ରାଜୁ, ରାଜାସାହେବ ବଡ଼ ଖେମୁଣ୍ଡି, ମଧୁପୁର, ଖଡ଼ିଅଳ, ଲଭିଫୁର ରହମନ ପ୍ରମୁଖ ୨୦ଜଣ ସଭ୍ୟ ଯୋଗ ଦେଇଥିଲେ ।

ବିଶ୍ୱସ୍ତସୂତ୍ରରୁ ଖବର ମିଳେ ଯେ ଭବିଷ୍ୟତ କାର୍ଯ୍ୟପନ୍ଥା ଶୃଙ୍ଖଳିତ ଭାବରେ ଚଳିବା ସମ୍ପର୍କରେ ଏବଂ ସଂଖ୍ୟାନ୍ୟୂନ ମନ୍ତ୍ରିମଣ୍ଡଳ ଥିବା ପର୍ଯ୍ୟନ୍ତ ଶାସନପରିଚାଳନା ସନ୍ତୋଷଜନକ ଭାବେ ହୋଇପାରିବ ନାହିଁ ବୋଲି ସଭ୍ୟମାନଙ୍କ ମଧ୍ୟରୁ କେହି କେହି ବୈଠକରେ ମତବ୍ୟକ୍ତ କରିଥିଲେ । କେତେକ ଆଲୋଚନା ପରେ ପୁଣି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆଜି ୪ ଜଣ ମନ୍ତ୍ରୀ ଓ ପାର୍ଲାମେଣ୍ଟାରୀ ସେକ୍ରେଟରୀ ନିଅଯିବା ପାଇଁ ପ୍ରସ୍ତାବ କରାଯାଇଛି ବୋଲି ସମ୍ବାଦ ମିଳେ ।

କୁଜଙ୍ଗ ଓ ପାରିକୁଦ

ଲୋକଙ୍କ ଦୁଃଖ

ଓଡ଼ିଶା ସାହାଯ୍ୟ କମିଟିର ପ୍ରସ୍ତାବ

କଟକ, ତା୧୧।୧୨—ଶ୍ରୀଯୁକ୍ତ ଏ, ଭି, ଠକ୍କରଙ୍କ ସଭାପତିତ୍ୱରେ ଓଡ଼ିଶା ସାହାଯ୍ୟ କମିଟିର ଏକ ବୈଠକରେ ସ୍ଥିର ହୋଇଛି ଯେ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ କେବଳ ବିଭିନ୍ନ ସାହାଯ୍ୟ କେନ୍ଦ୍ରର କାମ ଚାଲିବ; କିନ୍ତୁ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳ-ମାନଙ୍କରେ ଆଉ ମାସେ ଦୁଇମାସ ପର୍ଯ୍ୟନ୍ତ ସାହାଯ୍ୟ ଦିଆଯିବ । ଚିଲିକା ଭିତରେ ଥିବା ସାରୁଦ ଓ ମାଲୁଦ ଦ୍ୱୀପର ଲୋକ ଏବଂ କଟକ ଜିଲ୍ଲାରେ ବର୍ତ୍ତମାନ ମହାରାଜାଙ୍କ କୁଜଙ୍ଗ ଇଷ୍ଟେଟ ଲୋକଙ୍କ ଦୁଃଖ କାହାଣୀ କମିଟି ଶୁଣିଲା ପରେ ସ୍ଥିର କରିଛନ୍ତି ଯେ ସେଠା ଲୋକେ ସରକାରୀ ଜରିଆରେ ଲୁଣମାଟି ତାହା ବିକି କରି ମଜୁରୀ ପାଇବା ପର୍ଯ୍ୟନ୍ତ ଅନ୍ତତଃ ଆଉ ଦୁଇମାସ ପର୍ଯ୍ୟନ୍ତ ବିଭିନ୍ନ ସାହାଯ୍ୟ ଅନୁଷ୍ଠାନ ସେଠାରେ ତାଙ୍କ ସାହାଯ୍ୟ ବିତରଣ କରନ୍ତୁ । ଶ୍ରୀଯୁକ୍ତ ଠକ୍କର କଟକ ଓ ବାଲେଶ୍ୱର ଜିଲ୍ଲାରେ ଚଳିତ ମାସ ୧୨ତାରିଖଠାରୁ ୧୮ତାରିଖ ଯାଏଁ ପରିଭ୍ରମଣ କରୁଛନ୍ତି ।

ଦକ୍ଷିଣ ଆଫ୍ରିକାରୁ ସାହାଯ୍ୟ

ଓଡ଼ିଶା ରିଲିଫ କମିଟି ଦକ୍ଷିଣ ଆଫ୍ରିକା ଭାରତୀୟଙ୍କଠାରୁ ଶ୍ରୀଯୁକ୍ତ ମଣିଲାଲ ଗାନ୍ଧିଙ୍କ ଜରିଆରେ ପୁଣି ୨୬୧୨ ଟଙ୍କା ପାଇଛନ୍ତି । ଦକ୍ଷିଣ ଆଫ୍ରିକାରୁ ମୋଟ ୫୦୪୮ ଟଙ୍କା କମିଟି ପାଖକୁ ଆସିଛି ।

——

ଭାରତରକ୍ଷା ଆଇନ

୨୬ ଧାରାର ସଂଶୋଧନ

ଅଟକବନ୍ଦୀଙ୍କୁ ଅଭିଯୋଗ ଜଣାଇ ଦିଆଯିବ

ନୂଆଦିଲ୍ଲୀ, ତା ୧୧।୧୨—ୟୁ, ପି, ଜାଣି ପାରିଛନ୍ତି ଯେ ଭାରତରକ୍ଷା ଆଇନର ୨୬ ଧାରା ଅନୁସାରେ ଲୋକଙ୍କୁ ଅନିର୍ଦ୍ଦିଷ୍ଟ କାଳପାଇଁ ଅଟକ ରଖିବାର ଯେଉଁ ବ୍ୟବସ୍ଥା ବର୍ତ୍ତମାନ ଅଛି ତାକୁ ସଂଶୋଧନ କରି ଏକ ନୂଆ ରୁଲ ନିକଟରେ ପ୍ରକାଶ ପାଇବ । ଏ ସଂଶୋଧିତ ଦଫା ବଳରେ ଅଟକ ବନ୍ଦୀଙ୍କ ଅଟକକାଳ ଥରକେ ୬ ମାସ ପର୍ଯ୍ୟନ୍ତ ହେବ ବୋଲି ନିର୍ଦ୍ଧାରିତ କରି ଦିଆଯିବ । ବେସରକାରୀ ମହଲରୁ ପ୍ରକାଶ ଯେ ଏ ସଂଶୋଧିତ ଧାରା ଅସନ୍ତୁଷ୍ଟ ବର୍ଗର ପ୍ରଥମ ଭାଗରୁ କାର୍ଯ୍ୟକାରୀ ହେବ । ଏଥିରେ ବ୍ୟବସ୍ଥା ରହିବ ଯେ ୬ ମାସ ପରେ ଯେଉଁମାନଙ୍କୁ ପୁଣି ଅଟକ ରଖାଯିବ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ କଣ ତାହା ସେମାନଙ୍କୁ ଜଣାଇ ଦିଆଯିବ ଓ ସେମାନଙ୍କୁ ଅଟକ ରଖିବା ବିରୁଦ୍ଧରେ ସେମାନଙ୍କର କିଛି କହିବାର ଥିଲେ ଲିଖିତ ଭାବରେ ତାହା ଜଣାଇବା ପାଇଁ ସେମାନଙ୍କୁ ସୁବିଧା ଦିଆଯିବ । ଗତ କେନ୍ଦ୍ର ବ୍ୟବସ୍ଥା ସଭା ବୈଠକବେଳେ ପଣ୍ଡିତ ହୃଦୟନାଥ କୁଞ୍ଜରୁ ଅନ୍ତରୀଣ ବନ୍ଦୀଙ୍କୁ ତାଙ୍କ ବିରୁଦ୍ଧରେ ଅଭିଯୋଗ କଣ ଜଣାଇ ତାର ଉତ୍ତର ଦେବାପାଇଁ ସୁବିଧା ଦେବା ଲାଗି ଦାବୀ କରି ଯେ ପ୍ରସ୍ତାବ ଆଣିଥିଲେ ତହିଁର ଉତ୍ତରରେ ଭାରତ ସରକାରଙ୍କ ଘରୋଇ ମନ୍ତ୍ରୀ ସରକାର ଏକଥା ବିଚାର କରୁଛନ୍ତି ଓ ନିକଟରେ ନିଷ୍ପତ୍ତି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏ ସଂଶୋଧିତ ପ୍ରସ୍ତାବ ଉକ୍ତ ପ୍ରତିଶ୍ରୁତିର ଫଳ ।

ୟୁ, ପି, ବୁଝି ପାରିଛନ୍ତି ଯେ ଅନ୍ତରୀଣ ବନ୍ଦୀଙ୍କୁ ଅଟକ କରି ରଖିବା ଉଚିତ କି ନା ତାହା ବିଚାର କରି ଦେଖିବା ପାଇଁ କୌଣସି ଉଚ୍ଚ କୋର୍ଟ ଗଠାଯିବାର ସମ୍ଭାବନା ନାହିଁ; କିନ୍ତୁ ଏ ନୂଆ ଆଦେଶ ବଳରେ ପ୍ରତି ୬ ମାସରେ ପ୍ରତ୍ୟେକ ଅନ୍ତରୀଣ ବନ୍ଦୀଙ୍କ କଥା ପୁନର୍ବିଚାର ହେବ । (ୟୁ, ପି,)

——

ଅଟକବନ୍ଦୀ ଖଲାସ

ଲକ୍ଷ୍ନୌ, ତା ୧୧।୧୨—ନଇନିତାଲ ଜିଲ୍ଲାର ବେରିଲି ଓ ସୀତାପୁର ଜେଲରେ ଭାରତରକ୍ଷା ଆଇନର ୨୬ ଧାରାରେ ଅଟକ ଥିବା ୩୦ ଜଣ ରାଜନୈତିକ ବନ୍ଦୀଙ୍କୁ ଖଲାସ କରି ଦିଆଯାଇଛି ।——

ଜନ୍ ହରବଟଙ୍କ ପରଲୋକ

କଲିକତା, ତା ୧୨।୧୨—ବଙ୍ଗଳାର ଭୂତପୂର୍ବ ଲାଟ ସାର ଜନ୍ ହରବଟଙ୍କର ଶନିବାର ରାତି ୮।୫୦ ମିନିଟରେ ପରଲୋକ ହୋଇପାରିଛି । ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବ । ସେ ଗତ ତିନିମାସ ଧରି ଅସୁସ୍ଥ ଥିଲେ । ଗତ ଅଗଷ୍ଟ ୩୧ ତାରିଖରେ ପ୍ରଥମ ହୋଇ ଯେ ସ୍ୱାସ୍ଥ୍ୟ ବୁଲେଟିନ ପ୍ରକାଶ ପାଇଥିଲା ସେଥିରେ ବୁଝାଯାଇଥିଲା ଯେ ତାଙ୍କର ପାକସ୍ଥଳୀରେ ଏକ କ୍ଷତ ହୋଇ ସେ ପୀଡ଼ିତ ଅଛନ୍ତି । ସେ ୧୯୩୯ ନଭେମ୍ବର ୧୮ତାରିଖଠାରୁ ୧୯୪୩ ଅକ୍ଟୋବର ୨୧ତାରିଖ ପର୍ଯ୍ୟନ୍ତ ବଙ୍ଗଳାର ଲାଟ ଥିଲେ । ମୃତ୍ୟୁ ସମୟରେ ତାଙ୍କୁ ୪୮ ବର୍ଷ ବୟସ ହୋଇଥିଲା ।

——

କପ୍ତି ଜିଲାରେ ସାମ୍ପ୍ରଦାୟିକ ଗଣ୍ଡଗୋଳ

ଗୋରଖପୁର, ତା ୧୨।୧୨—ଗୋରଖପୁର ଡିଭିଜନ କମିଶନରଙ୍କ ଏକ ଇସ୍ତାହାରରେ ବୁଝାଯାଇଛି ଯେ ଗତ ୯ ତାରିଖ ବିକାଦିନ ବସ୍ତି ଜିଲ୍ଲାର ୨ଟା ଗାଁରେ ଗୋଟିଏ ଗାଈକୁ ହଣାଯିବାବେଳେ ହିନ୍ଦୁମାନେ ମୁସଲମାନଙ୍କ ଉପରେ ଆକ୍ରମଣ କରିଥିଲେ । ମୁସଲମାନମାନଙ୍କ ଘରଦ୍ୱାର ପୋଡ଼ି ଦିଆଯାଇଥିଲା ଓ ଲୁଟ ହୋଇଥିଲା । ପୁଲିସ ଗୁଳି ଚଳାଇବା ଯୋଗୁଁ ୨ ଜଣ ମରିଥିଲେ ଓ କେତେକଆହତ ହୋଇଥିଲେ । ମୁସଲମାନ-ମାନଙ୍କର ପ୍ରାୟ ୪୦ ହଜାର ଟଙ୍କାର କ୍ଷତି ହୋଇଛି । ଆଉ ଗୋଟାଏ ଗାଁରେ ହିନ୍ଦୁମାନଙ୍କ ଆକ୍ରମଣ ଫଳରେ ଜଣେ ମୁସଲମାନ ମରିଛି, କେତେକ ଆହତ ହୋଇଛନ୍ତି ଓ ୩୦ଟା ମୁସଲମାନଙ୍କ ଘର ପୋଡ଼ି ଦିଆଯାଇଛି । ଜିଲ୍ଲା ମାଜିଷ୍ଟ୍ରେଟ ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଦୁର୍ଘଟଣା ସ୍ଥଳକୁ ଯାଇଥିଲେ । ଅବସ୍ଥା ବର୍ତ୍ତମାନ ଆୟତ୍ତାଧୀନ ଅଛି । —— (ଏ, ପି)

ଜର୍ମାନ ସୈନ୍ୟ ରୁଷ ଗୁଳିଲେ

ବିରାଟ ଆକ୍ରମଣ ଚଳାଇବାର ସମ୍ଭାବନା

ନଭଗ୍ରଡ଼କା ସହର ଲାଲଫୌଜ ଦଖଲକଲେ

ଅଙ୍କାରା, ତା ୧୨।୧୨—"ରୟଟର"ଙ୍କ ସ୍ୱତନ୍ତ୍ର ସମ୍ବାଦଦାତା ଲେଖିଛନ୍ତି—ବିଶ୍ୱସ୍ତ ସହରୁ ଏଠାରେ ଖବର ମିଳିଛି ଯେ ଗତ ଦୁଇ ସପ୍ତାହ ହେଲା ଜର୍ମାନମାନେ ଖୋଲାଣ୍ଡ ବାଟେ ବହୁ ସୈନ୍ୟ ଓ ଯୁଦ୍ଧସରଞ୍ଜାମ ପଠାଇଛନ୍ତି । ଲାଲଫୌଜ ତାଙ୍କ ଶୀତକାଳୀନ ଆକ୍ରମଣ ଆରମ୍ଭ କରିବା ପୂର୍ବରୁ ଜର୍ମାନମାନେ ଏକ ବିରାଟ ଆକ୍ରମଣ ଆରମ୍ଭ କରିଦେବେ ବୋଲି ବିଶ୍ୱାସ କରାଯାଉଛି । ନଭେମ୍ବର ମାସ ଶେଷ ହେବା ପରେ ପରେ ପୂର୍ବ ପୋଲାଣ୍ଡର ପ୍ରଧାନ ରେଳବାଟାମାନଙ୍କରେ ବହୁ ସୈନ୍ୟ ବୋଝାଇ କରି ଅନେକ ଦ୍ରୁତଗାମୀ ସୈନ୍ୟଗାଡ଼ି ସୁଅ ବୋହୁଲା ପରି ଚାଲିଛି । ବିଶେଷତଃ ଓ୍ୟାରସ-ଲେ ଲାଇନରେ ଏ ସୈନ୍ୟ ଚାଲନା ବିଶେଷ ଭାବରେ ଚାଲିଛି । ବେସାମରିକ ଲୋକ ଓ ମାଲମତା ପଠାଇବା ଏ ଲାଇନରେ ମନା କରି ଦିଆଯାଇଛି ।

ରୁଷ ସୈନ୍ୟଙ୍କ ଅଗ୍ରଗତି

ମସ୍କୋ, ତା ୧୧।୧୨—ଆଜି ରାତି ରୁଷ ଇସ୍ତାହାରରେ ବୁଝାଯାଇଛି ଯେ ଡିସେମ୍ବର ୧୧ ତାରିଖ ଦିନ ଦଳେ ଜର୍ମାନ ଆକ୍ରମଣ ପରେ ଆମ ସୈନ୍ୟମାନେ ଶତ୍ରୁର ପ୍ରତିରୋଧକୁ ଅତିକ୍ରମ କରି ଆଗକୁ ମାଡ଼ି ଚାଲିଛନ୍ତି । ରୁଷ ସୈନ୍ୟ ନୋଭଗ୍ରଡ଼କା ଜିଲ୍ଲା କେନ୍ଦ୍ର ଓ ଅନେକ ଗୁଡ଼ିଏ ଜନବସତି ଅଞ୍ଚଳ ଦଖଲ କରିଛନ୍ତି ।

ମସ୍କୋ, ତା୧୨।୧୨—ସରକାରୀ ଭାବରେ ଘୋଷଣା କରାଯାଇଛି ଯେ ରୁଷ ସୈନ୍ୟମାନେ ଚିଗରିନ ଦଖଲ କରିଛନ୍ତି ।

ଲଣ୍ଡନ, ତା ୧୨।୧୨—ଜର୍ମାନ ବେତାର ଷ୍ଟେସନ ଘୋଷଣା କରିଛି ଯେ ରୁଷ ସୈନ୍ୟମାନେ ଚେର୍କାସୀ ରେଳ ଷ୍ଟେସନ ଅଞ୍ଚଳ ଭିତରକୁ ପଶି ଯାଇଛନ୍ତି । ଗତ କାଲି ସେଠାରେ ଭୀଷଣ ଲଢ଼େଇ ଚାଲିଥିଲା । ରୁଷ ସୈନ୍ୟ ପଶି ଯାଇଥିବା ସହରର ବିରାଟ ଅଞ୍ଚଳରେ ମଧ୍ୟ ରକ୍ତାକ୍ତ ଲଢ଼େଇ ହୋଇଥିଲା । —— (ରୟଟର)

ରୁଷ-ଚେକୋସ୍ଲୋଭାକିଆ ଚୁକ୍ତି

ଲଣ୍ଡନ, ତା ୧୨।୧୨—ମସ୍କୋ ବେତାର ଷ୍ଟେସନ ଘୋଷଣା କରିଛି ଯେ ରୁଷିଆ ଓ ଚେକୋସ୍ଲୋଭାକିଆ ଭିତରେ ଗୋଟାଏ ଚୁକ୍ତି ସ୍ୱାକ୍ଷର ହୋଇପାରିଛି । (ରୟଟର)

——

ତୁର୍କୀ ପ୍ରଧାନମନ୍ତ୍ରୀଙ୍କ ଘୋଷଣା

ଦେଶକୁ ଶକ୍ତିଶାଳୀ କରିବା ସରକାରର ଲକ୍ଷ୍ୟ

ଅଙ୍କାରା, ତା ୧୨।୧୨—ଅଙ୍କାରା ବେତାର ଷ୍ଟେସନ ଆଜି ତୁର୍କୀର ପ୍ରଧାନ-ମନ୍ତ୍ରୀଙ୍କର ଏକ ଭାଷଣ ଶୁଣାଇ ଘୋଷଣା କରିଛି ଯେ ତୁର୍କୀକୁ ଶକ୍ତିଶାଳୀ କରିବା ତାଙ୍କ ସରକାରର ଲକ୍ଷ୍ୟ । ସମଗ୍ର ଜାତିର ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କରୁଥିବା ଲୋକଙ୍କ ବିରୁଦ୍ଧରେ ଅସାଧାରଣ ବ୍ୟବସ୍ଥାମାନ ଜାରୀ କରିବାକୁ ସରକାର ଦ୍ୱିଧା କରିବେ ନାହିଁ । ସେ କହିଲେ ଯେ ତୁର୍କୀର ଯୁଦ୍ଧକାଳୀନ ବଜେଟରେ ଯେଉଁ ବୃଦ୍ଧି କରାଯାଇଛି ସେଥିର ଶତକଡ଼ା ୬୦ ଭାଗରୁ ଅଧିକ ସୈନ୍ୟ ବିଭାଗରେ ଖର୍ଚ୍ଚ କରାଯାଉଛି । ଏ ସୈନ୍ୟ-ବିଭାଗର ସୁରକ୍ଷା ଓ ସୁବିଧାପାଇଁ ଥରେ ଆମେ ଆମର ଅର୍ଥ ସାହାଯ୍ୟ କଲା ପରେ ତେଣିକି ତୁର୍କୀର ପରିଚ୍ଛ ଅଧିକାର 'ସ୍ୱାଧୀନତା'ର ସୁରକ୍ଷା କରିବାନିମନ୍ତେ ଆମେ ରକ୍ତପାତ କରିବାକୁ ଦ୍ୱିଧା କରିବୁ ନାହିଁ ବୋଲି ସେ କହିଲେ । [ରୟଟର

——

ଏମଡେନ ଉପରେ ବୋମାବୃଷ୍ଟି

ଲଣ୍ଡନ, ତା୧୧।୧୨।୪୩—ବହୁସଂଖ୍ୟକ ଆମେରିକାନ ଉଡ଼ାଜାହାଜ ଜର୍ମାନୀର ଏମଡେନ ଉପରେ ଶନିବାର ଦିନ ବୋମାବୃଷ୍ଟି କରିଥିଲେ । ସରକାରୀ ଭାବରେ ଘୋଷଣା କରା ଯାଇଛି । ୧୧୨ଟା ଜର୍ମାନ ଉଡ଼ାଜାହାଜକୁ ଧ୍ୱଂସ କରି ଦିଆଯାଇଛି ଏବଂ ୩ଟା ଲଡ଼ୁଆ ଉଡ଼ାଜାହାଜର ପତ୍ତା ମିଳୁନାହିଁ । —— (ରୟଟର)

ଇଟାଲୀ ଯୁଦ୍ଧ

ଇଟାଲୀରେ ଜର୍ମାନମାନଙ୍କ ପ୍ରବଳ ପ୍ରତିରୋଧ

ମିତ୍ରସୈନ୍